## ନିମାପଡ଼ା ଏନ୍‌ଏସିରେ ବିଜେଡିର ସାଂଗଠନିକ ବୈଠକ



**ନିମାପଡା,୧୯।୫ (ସମିସ)** ନିମାପଡା ଏନ୍‌ଏସି ବିଜୁ ଜନତା ଦଳର ସାଂଠନିକ ବୈଠକ ସ୍ଥାନୀୟ ନକ୍ଷେତ୍ର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନଗର ସଭାପତି ଅରୁଣ ପ୍ରସାଦ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଏନ୍‌ଏସି ଚେୟାରମ୍ୟାନ ପ୍ରତିନିଧି ଲୋକନାଥ ସାହୁ,ବରିଷ୍ଠ କାଉନସିଲର ଧନୁର୍ଦ୍ଧର ଦାଶ,ନିମାପଡା ଏନ୍‌ଏସିର ପୂର୍ବତନ ଚେୟାରମ୍ୟାନ ଅଜୟ କୁମାର ଭୋଇ, ସମାଜମଙ୍ଗଳ ବୋର୍ଡ ଅଧକ୍ଷା , କଳାହାଣ୍ଡି ନାରୀନେତ୍ରୀ ତିଲୋତ୍ତମା ନାୟକ,ଯୁବନେତା ତପନ ପଣ୍ଡା,ଷ୍ଟାଲିନ ଦାଶଙ୍କ ସମେତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ଚଳିତ ନିର୍ବାଚନରେ ବିଜୁ ଜନତା ଦଳର ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀ ସାଂସଦ ପ୍ରାର୍ଥୀ ଡା. ରାଜଶ୍ରୀ ମଲ୍ଲିକ ଓ ନିମାପଡା ବିଧାୟକ ପ୍ରାର୍ଥୀ ଦିଲ୍ଲୀପ କୁମାର ନାୟକଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଷଷ୍ଠଥର ପାଇଁ ନବୀନ ବାବୁଙ୍କୁ ମୁଖ୍ୟମନ୍ତ୍ରୀ କରାଇବା ସହ ନିମାପଡାରେ ବିଜେଡି ପ୍ରାର୍ଥୀ ଦିଲ୍ଲୀପ ନାୟକଙ୍କୁ ବିପୁଳ ଭୋଟ ଦେଇ ଜିତାଇବାକୁ କର୍ମୀମାନେ ସଂକଳ୍ପ ନେଇଥିଲେ।

## ବାବା ଅଷ୍ଟଶମ୍ଭୁ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ

**ନିମାପଡା,୧୯।୫ (ସମିସ)** ନିମାପଡା ବ୍ଲକ ଅନ୍ତର୍ଗତ ଅରିଷଣ୍ଡ ଠାରେ ବାବା ଅଷ୍ଟଶମ୍ଭୁ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟକୁ ନିମାପଡାର ବିଶିଷ୍ଟ ସମାଜସେବୀ ରୋଜାଲିନୀ ନାୟକ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ପୁରୀ କ୍ଲବ,ଗୋପ,ନାଗପୁର,ବନସ୍ମିତା ହଷ୍ଟେଲ,ଅଲଣ୍ଡା ଓ ଅରଷଣ୍ଡ ଭଲିବଲ ଟିମ୍ ସମେତ ୬ଟି ଟିମ୍ ଭାଗନେଇଥିଲେ। ଟୁର୍ଣ୍ଣାମେଣ୍ଟରେ ବନସ୍ମିତା ହଷ୍ଟେଲ ଚମ୍ପିୟନ ହୋଇଥିବା ବେଳେ ପୁରୀ କ୍ଲବ ରନର୍ସ ଅପ ଆଖ୍ୟା ଅର୍ଜନ କରିଛନ୍ତି। ମୁଖ୍ୟ ଅତିଥି ରୋଜାଲିନୀ ନାୟକଙ୍କ ସହିତ ସମ୍ମାନୀତ ଅତିଥିଭାବେ ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ ସିନୟର ଭଲିବଲ କୋଚ୍ ଅଜୟ କୁମାର ତ୍ରିପାଠୀ ଉପସ୍ଥିତ ରହି ଉଭୟ ଚାମ୍ପିଅନ ଓ ରନର୍ସ ଅପ ଟିମ୍‌କୁ ପୁରସ୍କାର ବିତରଣ କରିଥିଲେ । ଉକ୍ତ ମ୍ୟାଚ୍‌କୁ ଅଶୋକ କୁମାର ବରାଳ,ପ୍ରୀୟ ରଞ୍ଜନ ସାହୁ,ବଳରାମ ସାହୁ,ଦେବେନ୍ଦ୍ର କୁମାର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

**ଡେଲାଙ୍ଗ,୧୯।୫(ସମିସ):** ଡେଲାଙ୍ଗ ତହସିଲ ଅଧିନ ଜେନାପୁର ପଞ୍ଚାୟତର ସୁଲତାନ ନଗର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୨ ପରିବାରର ୩ବଖରା ଚାଳ ଘର ଜଳିଯାଇଛି। ଗ୍ରାମର ମେଘନାଦ ଗୌଡ଼ୁ ଓ ନୀଳକଣ୍ଠ ଗୌଡ଼ୁଙ୍କ ଘରେ ହଠାଥ ନିଆଁ ଲାଗିଯିବାରୁ ପରିବାର ଲୋକେ ଆସବାବପତ୍ର ସବୁ ବାହାରକୁ ବୁହାଇ ଆଣିଥିଲେ। ପରେ ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହେବାରୁ ନିକଟ ଡେଲାଙ୍ଗ ଦମକଳ ବାହିନୀଙ୍କୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଦୁଇ ପରିବାରର ଧାନ, ଚାଉଳ, ବିରି, ମୁଗ ଓ ପିଲାଙ୍କ ବହିପତ୍ର ସହିତ ଅନ୍ୟାନ୍ୟ ଆସବାବପତ୍ର ପୋଡିଯାଇଥିବା ଜଣାପଡିଛି। ଖବର ପାଇ ପୋସଲ ରାଜସ୍ୱ ନିରିକ୍ଷକ ସସ୍ମିତା ନାୟକ ଘଟଣା ସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ।

### ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଜରାଜୀର୍ଣ୍ଣ

# ରହିବାକୁ ଜାଗା ନାହିଁ; କାକଟପୁର ଯାଉଛନ୍ତି ଅତିଥି

**ଅସ୍ତରଙ୍ଗ,୧୯।୫(ସମିସ):** ଅସ୍ତରଙ୍ଗରେ ଥିବା ପୂର୍ତ୍ତବିଭାଗର ଡାକବଙ୍ଗଳା ଏବେ ଜରାଜୀର୍ଣ୍ଣ ଓ ଭୂତକୋଠିରେ ପରିଣତ ହୋଇଛି। ଯେଉଁଥି ପାଇଁ ଅତିଥି ଆସିଲେ ଅସ୍ତରଙ୍ଗରେ ନରହି କାକଟପୁରର ଡାକ ବଙ୍ଗଳାରେ ରହୁଛନ୍ତି। ରକ୍ଷଣାବେକ୍ଷଣ ଅଭାବରୁ ଦୀର୍ଘ ୧୪ ବର୍ଷ ହେଲା ଡାକ ବଙ୍ଗଳା କୌଣସି କାମରେ ନଲାଗି ଜରାଜୀର୍ଣ୍ଣ ଅବସ୍ଥା ରେ ସରିସୃପଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଡାକବଙ୍ଗଳାର ବାହାର ପରିବେଶ କଥା ନକହିବା ଭଲ ଭିତରେ ରୁମ୍ ସବୁ ପରିତ୍ୟକ୍ତ ଅବସ୍ଥାରେ ରହିଛି। ପୂର୍ବରୁ ସବୁଜ ଓ ସୁନ୍ଦର ବଳୟ ମଧ୍ୟରେ ଥିବା ଡାକବଙ୍ଗଳାର ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି ହେଲେ ମଧ୍ୟ ପ୍ରଶାସନର ଆନ୍ତରିକତା ଅଭାବରୁ ସମସ୍ତଙ୍କୁ ଉପହାସ କରୁଛି। ସୂଚନା ଅନୁସାରେ ସରକାରୀକଳର ବଡବଡ ବାବୁ,ଜିଲ୍ଲା ପ୍ରଶାସନ,ନେତା ଓ ମନ୍ତ୍ରୀ ବ୍ଲକକୁ ଯିବାଆସିବା ବେଳେ ଏହି ଡାକବଙ୍ଗଳା ପ୍ରତି ନଜର ନପଡିବା ପରିତାପର ବିଷୟ। ଅନାବଶ୍ୟକ ଓ ଅତ୍ୟାବଶ୍ୟକ ସ୍ଥଳେ ବିଭିନ୍ନ ସ୍ଥାନରେ କୋଠାବାଡି,ରାସ୍ତାଘାଟ ନିର୍ମାଣ ହେଉଥିଲା ବେଳେ ପୂର୍ବରୁ ନିର୍ମିତ ଲକ୍ଷ ଲକ୍ଷ ଟଙ୍କାର କୋଠା ଘର ନଷ୍ଟ ହେବାକୁ ଯାଉଛି। ସରକାରୀ ବାବୁ କିମ୍ବା ଅତିଥିଙ୍କୁ ବିଶ୍ରାମ ନେବାକୁ ଅସ୍ତରଙ୍ଗରେ ସ୍ଥାନ ନଥିବାରୁ ସେମାନେ ଅସ୍ତରଙ୍ଗ ଆସି କାକଟପୁର ଡ଼ାକବଙ୍ଗଳାରେ ସମୟ କଟାନ୍ତି। ଯେଉଁ ଉଦ୍ଦେଶ୍ୟରେ ଏହି ବଙ୍ଗଳା ତିଆରି ହୋଇଥିଲା ତାହା ତ କାମରେ ଲାଗୁନି। ଡ଼ାକବଙ୍ଗଳାର ଜରାଜୀର୍ଣ୍ଣ ଅବସ୍ଥା ସମ୍ପର୍କରେ ଖବର ପ୍ରକାଶରେ ପାଇବାରେ ପ୍ରଶାସନ ମହଲରେ ତତ୍ପରତା ଦେଖାଦେଇଥିଲା। ଏହାକୁ ଭାଙ୍ଗି ନୂଆ କୋଠା କରିବାକୁ ପ୍ରସ୍ତାବ ଦେବା ବିଭାଗ ପକ୍ଷରୁ ସୂଚନା ମିଳିଥିଲା। କିନ୍ତୁ ସେ କଥା କେବଳ କାଗଜ କଲମରେ ରହିଗଲା ଭଳି ଲାଗୁଛି। ତେବେ ଆନ୍ତରିକତା ଅଭାବରୁ ଅଦ୍ୟାବଧି କାହିଁକି ଟେଣ୍ଡର ହୋଇନାହିଁ। ଏଠାରେ ବଡ଼ ପରିତାପର ବିଷୟ। ଅସ୍ତରଙ୍ଗରେ ଖାଲି ଡ଼ାକବଙ୍ଗଳା ନୁହେଁ ଯୋଗାଣ ବିଭାଗର ଆରଆର୍ସି ଗୋଡାଉନ୍,କୁହୁଡି ଠାରେ ନିର୍ମିତ ତହସିଲଦାରଙ୍କ କ୍ୱାର୍ଟର ମଧ୍ୟ ଭୂତକୋଠିରେ ପରିଣତ ହୋଇଛି। ତେବେ ସୂଚନା ମିଳୁଛି କି ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ବଙ୍ଗଳା ଗ୍ରାମ୍ୟଉନ୍ନୟନ ବିଭାଗକୁ ହସ୍ତାନ୍ତର ହୋଇଛି ବୋଲି କିନ୍ତୁ କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ତାଡାଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ ଏ ବିଷୟରେ ଜାଣିନଥିବା ଓ ଏ ସମ୍ପର୍କିତ କୌଣସି ଫାଇଲ୍ ତାଙ୍କର ହସ୍ତଗତ ହୋଇନଥିବା ସୂଚନା ଦେଇଛନ୍ତି। ତେବେ ପରିତ୍ୟକ୍ତ ଡାକବଙ୍ଗଳା ବର୍ତ୍ତମାନ କାହା ଅଧୀନରେ ଏବଂ କେବେ ଏହାର ପୁନଃରୁଦ୍ଧାର ହେବ ଯାହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟିକରୁଛି।

### କାହା ଅଧୀନରେ ପରିତ୍ୟକ୍ତ ଡାକବଙ୍ଗଳା



## ତୁଳସୀପୁରରେ ବିଜେଡିର ମିଶ୍ରଣ ପର୍ବ



**ଚାରିଛକ,୧୯।୫(ସମିସ):** ନିମାପଡା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଦିଲ୍ଲିପ କୁମାର ନାୟକଙ୍କ ନେତୃତ୍ୱରେ ନିକଟସ୍ଥ ତୁଳସୀପୁର ଗ୍ରାପ. ଠାରେ ବିଜୁ ଜନତା ଦଳର ମିଶ୍ରଣ ପର୍ବ ଅନୁଷ୍ଠିତ ହେବା ସହିତ ତୁଳସୀପୁର ବଜାରରେ ଏକ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ୨୧ନଂ ଜୋନର ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ କୁମାର ନାୟକ, ତୁଳସୀପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ହରିହର ସାହୁ, କୁସୁମାଠେଙ୍ଗ ବସ୍ତିର ସଭାପତି ଲିଆକତ୍ ଖାଁ, ତେରୁଣ୍ଡିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ନିଧିଆ ମୁରୁଣ୍ଡିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଭିନ୍ନ ଦଳ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକ ପ୍ରାର୍ଥୀ ଦିଲ୍ଲିପ କୁମାର ନାୟକ ସେମାନଙ୍କୁ ଦଳୀୟ ଉତରୀୟ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ବିଧାୟକ ପ୍ରାର୍ଥୀ ଦିଲ୍ଲିପ କୁମାର ନାୟକଙ୍କ ଦ୍ୱାରା ତୁଳସୀପୁର ବଜାରରେ ବିଜେଡିର ପାର୍ଟି ଅଫିସ ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ପ୍ରକାଶ ତ୍ରିପାଠୀ, କୈଳାସ ତ୍ରିପାଠୀ, ଅନିରୁଦ୍ଧ ତ୍ରିପାଠୀ, ନିରଞ୍ଜନ ତ୍ରିପାଠୀ, ସନ୍ତୋଷ ଦାଶ, ଶ୍ୟାମସୁନ୍ଦର ସାହୁ, ସତ୍ୟରଞ୍ଜନ ସାହୁ, ପ୍ରମୋଦ ଦାସ, ଅଜିତ କୁମାର ନାୟକ, ନିରଞ୍ଜନ ସାହୁ, ବାବନ ସାହୁ ପ୍ରମୁଖ ବିଜେଡି କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବିଶେଇସାହିକୁ ନାହିଁ ପକ୍କା ରାସ୍ତା

**ନୟାହାଟ,୧୯।୫(ସମିସ):** ଚାରିଛକ ଥାନା ଅନ୍ତର୍ଗତ ବାହାରଣା ପଞ୍ଚାୟତର ବିଶେଇସାହିବାସୀଙ୍କ ପାଇଁ ପକ୍କା ରାସ୍ତା ଦିବା ସ୍ୱପ୍ନ ପାଲିଟିଛି। ଯାହାକୁ ନେଇ ଉକ୍ତ ଗ୍ରାମରେ ୫୦ରୁ ଊର୍ଦ୍ଧ୍ୱ ପରିବାର ଓ ୩ ଶହ ଭୋଟର ଜୁନ ଏକ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନ ବର୍ଜନ କରିବେ ବୋଲି କହିଛନ୍ତି। ନୟାହାଟ ନାଗପୁର ରାସ୍ତାର ବିସୁଲି ପଡାରାସ୍ତାରୁ ବିଶେଇସାହିକୁ ପ୍ରାୟ ଏକ କିଲୋମିଟର ମାଟି ରାସ୍ତା ଆଜି ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ହୋଇପାରିଲା ନାହିଁ। ଏନେଇ ବାର ବାର ନିମାପଡ଼ା ବ୍ଲକ ପ୍ରଶାସନକୁ ଜଣାଇ ଥିଲେ ମଧ୍ୟ କଂକ୍ରିଟ ରାସ୍ତା ନିର୍ମାଣ ହୋଇ ପାରିଲା ନାହିଁ। ବର୍ଷା ଦିନରେ ମାଟି କାଦୁଅ ରାସ୍ତାରେ ଗାଡି ଯାଇ ପାରୁନି। ବିଶେଇସାହି ଲୋକମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ବେଳେ ଏଦିଗରେ କେହି ଦୃଷ୍ଟି ଦେଉନଥିବା ଗ୍ରାମବାସୀ କହିଛନ୍ତି।



## ଦୁଇଟି ପଞ୍ଚାୟତରେ ତୁଷାରକାନ୍ତିଙ୍କ ବାଇକ୍ ରାଲି



**ନୟାହାଟ,୧୯।୫(ସମିସ):** ନୟା ହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ଓ ଜଂଗଲବରୀ ପଞ୍ଚାୟତ ରେ କାକଟପୁର ନିର୍ବାଚନ ମଣ୍ଡଳୀ ର ବିଜେଡି ବିଧାୟକ ପ୍ରାର୍ଥୀ ତୁଷାର କାନ୍ତି ବେହେରାଙ୍କ ଦୁଇଟି ପଞ୍ଚାୟତର ୨୮ ଟି ଗ୍ରାମରେ ବାଇକ୍ ରାଲି କରି ଶଙ୍ଖ ଚିହ୍ନରେ ଭୋଟ ପ୍ରଚାର କରିବା ସହ ଭୋଟ ଭିକ୍ଷା କରିଥିଲେ। ଏହି ଦୁଇଟି ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ବିପୁଳ ଜନ ସମର୍ଥନ ମିଳିଥିଲା।ଏଥିରେ ପୁରୀ ଜିଲ୍ଲା ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ,ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ ଜ୍ୟୋତିରିମୟୀ ଦଳାଇ ,୧୪ ନଂ ଜିଲ୍ଲାପରିଷଦ ପ୍ରାର୍ଥୀ ସାଗରିକା ନାୟକ ,ଧୂମଳ ପଞ୍ଚାୟତ ସରପଞ୍ଚ ମନାଲିସା ସିଂ ,ସମିତି ସଭ୍ୟା ଭାନୁମତି ମାଣିକ ,ନାୟିବ ସରପଞ୍ଚ ଅଶୋକ ସାହୁ ,ସହଦେବ ମାଣିକ ,ଧୂମାଳ ସଭାପତି ଅଲୋକ ରାୟ ,ଜଙ୍ଗଲବରୀ ଧୂମାଳ ସମବାୟ ସମିତିର ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ ,ଯୁବ ନେତା ଅଭିମନ୍ୟୁ ସିଂ ,ମହମ୍ମଦ ସମସୁଲ ପର୍ଶୁରାମ ରାୟ ,ଯୁବ ନେତା ଜ୍ୟୋତିରଞ୍ଜନ ନାୟକ , ଜଂଗଲବରୀ ପଞ୍ଚାୟତ ର ସଭାପତି କାହ୍ନୁଚରଣ ସାହୁ , କାର୍ତ୍ତିକ ବେହେରା ,କୈଳାସ ସାହୁ ମୁନା କାଣ୍ଡି ,କାଶୀନାଥ ନାୟକ ,ରାଜେନ୍ଦ୍ର ପାତ୍ର ,ନିର ଖଟୋଇ ପ୍ରମୁଖ ୨ ହଜାରରୁ ଉଦ୍ଧ୍ୱର୍ କର୍ମୀ ବାଇକ୍ ରାଲି କରି ଦୁଇଟି ପଞ୍ଚାୟତର ୨୮ ଗ୍ରାମ ପରିକ୍ରମା କରି ଶଙ୍ଖଚିହ୍ନରେ ଭୋଟ ଦେବାକୁ ନିବେଦନ କରିଛନ୍ତି।

## କଂଗ୍ରେସର କର୍ମୀ ବୈଠକ



**ଗୋପ,୧୯।୫(ସମିସ):** ଗୋପ ବ୍ଲକ୍ ଅଧିନ ବେଦପୁର ପଞ୍ଚାୟତ ସ୍ଥିତ ମା' ଜାଗୁଳାଇଙ୍କ ପୀଠରେ କଂଗ୍ରେସ ପକ୍ଷରୁ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମୀ ବୈଠକରେ ନିମାପଡ଼ା ଗୋପ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ସିଦ୍ଧାର୍ଥ ରାଉତରାୟ ଯୋଗ ଦେଇ ଆଗାମୀ ଦିନରେ କଂଗ୍ରେସ ସଂଗଠନ ସୁଦୃଢ଼ ହେବ ବୋଲି ମତ ଦେବା ସହ ଆଗାମୀ ନିର୍ବାଚନରେ କଂଗ୍ରେସକୁ ଅଧିକ ଶଶକ୍ତ କରିବା ଲାଗି କର୍ମୀମାନଙ୍କୁ କଠୋର ପରିଶ୍ରମ କରିବାକୁ ହେବ ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ୍ କଂଗ୍ରେସ କମିଟି ସଭାପତି ଭାସ୍କର ସେଠ୍, ପୂର୍ବତନ ସଭାପତି ଲକ୍ଷ୍ମୀଧର ପ୍ରଧାନ, ବରିଷ୍ଠ କଂଗ୍ରେସ କର୍ମୀ ଭଗବାନ ପାତ୍ର, ସମରେନ୍ଦ୍ର ସିଂ, ଜୋନ୍ ସଭାପତି ଜିତେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ କର୍ମୀମାନଙ୍କୁ ଗୁରୁ ମନ୍ତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ ସଭାପତି ମଦନ ମୋହନ ହାଜରା, ବରିଷ୍ଠ କଂଗ୍ରେସ ନେତା ପୂର୍ଣ୍ଣଚନ୍ଦ୍ର ସାହୁ, ବାମଦେବ ବେହେରା, ଭରତ ବେହେରା, ସୋମନାଥ ସାହୁ, ବିଭୂଦ ଚନ୍ଦ୍ର ବେହେରା, ସହଦେବ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କୁଣ୍ଢେଇ ଅଞ୍ଚଳରେ ଅବାଧ ମଦ କାରବାର

**କୁଣ୍ଢେଇ,୧୯।୫ (ସମିସ) :** ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ କୁଣ୍ଢେଇ ପଞ୍ଚାୟତ ଅଞ୍ଚଳରେ ଥିବା ଗାଁ ଗୁଡିକରେ ଅଧିକାଂଶ ପରିବାରରେ ମଦ ବ୍ୟବସାୟ କରୁଥିବା ଅଭିଯୋଗ ହେଉଛି। ମଦ କୂଳବେଉସା କରିସାରିଛନ୍ତି। ସନ୍ଧ୍ୟା ହେଲେ ବାଜପୁର ଗ୍ରାମ ଛକ ଜାଗାମାନଙ୍କରେ ଥିବା ବିଭିନ୍ନ ଦୋକାନରେ ମଦ ବିକ୍ରୀ ହେଉଥିବା ଅଭିଯୋଗ ହେଉଛି। ଏହାକୁ ବନ୍ଦ କରିବାରେ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବା ମତ ପ୍ରକାଶ ପାଉଛି।ଚୋରା ମଦ, ନକଲି ମଦ ରୋକିବା ନେଇ କେବଳ ଲୋକ ଦେଖାଣିଆ ଭାବେ କାକଟପୁର ପୁଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରି ଅଳ୍ପ କିଛି ପରିମାଣର ମଦ ଜବତ କରାଯାଉଥିବା ବେଳେ ସନ୍ଧ୍ୟା ହେବା ମାତ୍ରେ ଜବତ ଠାରୁ ବହୁ ଗୁଣରେ ଅଧିକ ମଦ କୁଣ୍ଢେଇ ହାଟ ଏବଂ ଏହାର ଆଖପାଖ ଗ୍ରାମମାନଙ୍କରେ ବିକ୍ରୀ ହେଉଛି। ମଦ ପିଇ ଯୁବଗୋଷ୍ଠୀ ପଥଭ୍ରଷ୍ଟ ହେଉଥିବା ବେଳେ ଆର୍ଥିକ ଅନାଟନରେ ବୁଡି ରହିବା ସହିତ ପାରିବାରିକ ଅଶାନ୍ତି ସୃଷ୍ଟିର ମୁଖ୍ୟ କାରଣ ପାଲଟିଛି। ତାହା ସହିତ କାକଟପୁର କୁଣ୍ଢେଇ ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। କାକଟପୁର କୁଣ୍ଢେଇ ଅଞ୍ଚଳର ଗାଁ ଗାଁ ରେ ଦେଶୀ ଠାରୁ ଆରମ୍ଭ କରି ବିଦେଶୀ ମଦ ଦିନ ରାତି ୨୪ ଘଣ୍ଟା ମିଳୁଥିବା ଦେଖିବାକୁ ମିଳୁଛି। ପ୍ରତ୍ୟେକ ଦିନ ସନ୍ଧ୍ୟା ହେଲେ ବାଜପୁର ଗାଦି ଛକ, ସ୍କୁଲ ଛକ, କଳଘର ଛକ , କୁଣ୍ଢେଇ ହାଟ ବଜାର ନିକଟରେ ମଦୁଆଙ୍କ ଭିଡ଼ ଲାଗୁଛି। ବାଜପୁର ଗ୍ରାମ ମୁଖିଆ ପୂର୍ଣ୍ଣ ଚନ୍ଦ୍ର ସାହୁ କହିଛନ୍ତି ମଦ ରୋକିବାରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ଏବଂ ଆଗକୁ ନିର୍ବାଚନ ଯଦି ଗାଁ ଗହଳିରେ ଏହି ଭଳି ଭାବେ ମଦକୁ କୂଳବେଉସା କରି ବିକ୍ରୀ କରୁଥିବା ଦୋକାନୀଙ୍କ ଉପରେ ଚଢ଼ଉ କରା ନ ଯାଏ ତେବେ ଆଗକୁ ଗ୍ରାମମାନଙ୍କର ହିଂସାକାଣ୍ଡ ବଢ଼ିବା ସହିତ ରକ୍ତପାତ ହେବ ଯେଉଁଥିପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବେ। କାକଟପୁର ପୁଲିସ ଏବଂ ଅବକାରୀ ବିଭାଗ ଦୃଢ କାର୍ଯ୍ୟାନୁଷ୍ଠାନ ନେବାପାଇଁ କୁଣ୍ଢେଇ ପଞ୍ଚାୟତ ଜନସାଧାରଣ ଦାବି କରିଛନ୍ତି।




୧୯/୫/୨୦୨୪ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭,୨୮,୮୨୬/-
ସୁନା: ୦୦.୫୫୦ ଗ୍ରାମ୍
ରୁପା: ୦୦.୧୧୦ ଗ୍ରାମ୍



## ଆଜି ପ୍ରଧାନମନ୍ତ୍ରୀଙ୍କ ପୁରୀ ଗସ୍ତ

# ସୁରକ୍ଷା ଦାୟିତ୍ୱରେ ୬୩ ପ୍ଲାଟୁନ ଫୋର୍ସ

■ ପ୍ରଧାନମନ୍ତ୍ରୀ ମହାପ୍ରଭୁଙ୍କ ଦର୍ଶନର ୧ ଘଣ୍ଟା ପୂର୍ବରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ



ପୁରୀ, ୧୯।୫(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପୁରୀ ଗସ୍ତରେ ଆସିବେ। ସକାଳେ ପୁରୀରେ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନ ଏବଂ ପୂଜାର୍ଚ୍ଚନା କରିବା ସହ ବଡ଼ଦାଣ୍ଡରେ ରୋଡ୍ ଶୋ' କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିବେ। ତେବେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏ ନେଇ ରବିବାର ଟାଉନ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ସୋମବାର ସକାଳ ସାଢେ ୬ରୁ ୭ଟା



ମଧ୍ୟରେ ହେଲିପ୍ୟାଡରେ ପହଞ୍ଚିବେ। ସେଠାରୁ ସିଧାସଳଖ ଶ୍ରୀମନ୍ଦିରରେ ପହଞ୍ଚି ଦର୍ଶନ ଏବଂ ପୂଜାର୍ଚ୍ଚନା କରିବେ। ଏହାପରେ ମରିଚିକୋଟ ଛକରୁ ମେଡିକାଲ ଛକ ଯାଏ ରୋଡ ଶୋ' କରିବେ। ତେଣୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏସ୍‌ପିଜିଙ୍କ ସହିତ ଆଲୋଚନା ଅନୁଯାୟୀ ସବୁପ୍ରକାର ବ୍ୟବସ୍ଥା ହୋଇଛି।

ସୁରକ୍ଷା ଦାୟିତ୍ୱରେ ସମୁଦାୟ ୬୩ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ୩ ଜଣ ଏସ୍‌ପି ବା କମାଣ୍ଡାଣ୍ଟ, ୮ ଜଣ ଆଡିଶନାଲ ଏସ୍‌ପି ବା ଡେପୁଟି କମାଣ୍ଡାଣ୍ଟ, ୨୨ ଜଣ ଡିଏସ୍‌ପି, ୪୨ ଜଣ ଇନ୍ସପେକ୍ଟର ଓ ସବ୍ ଇନ୍ସପେକ୍ଟର, ୧୦୯ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୩୪ ଜଣ ହାବିଲ୍‌ଦାର, ୨୦୨ ଜଣ କନଷ୍ଟେବଳ, ୧୪ ଜଣ ଟ୍ରାଫିକ ହାବିଲଦାର, ୭ ଜଣ ଏପିଆର ଏବଂ ୨୫୦ ଜଣ ହୋମ୍‌ଗାର୍ଡ ମଧ୍ୟ ନିୟୋଜିତ ହେବେ। ତେବେ ହେଲିପ୍ୟାଡ୍‌ରେ ସ୍ୱତନ୍ତ୍ର ପୁଲିସ ବ୍ୟବସ୍ଥା ହୋଇଛି। ହଲିପ୍ୟାଡରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ରୁଟ୍ ଲାଇନିଂ, ବଡ଼ଦାଣ୍ଡରେ ସ୍ୱତନ୍ତ୍ର ବ୍ୟବସ୍ଥା ସବୁ କରାଯାଇଛି।

ଜନସମାଗମକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା ହୋଇଛି। ଭୁବନେଶ୍ୱରପଟୁ ଆସୁଥିବା ଚାରିଚକିଆ ଏବଂ ଦୁଇଚକିଆ ଗାଡି ଜେଲ୍‌ରୋଡ ଏବଂ ଜଗନ୍ନାଥ ବଲ୍ଲଭ ପାର୍କିଂରେ ରହିବେ। ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ହୋଇଥିବା ବ୍ୟାରିକେଡ୍‌ରେ ଲୋକେ ରହିବେ।

ସୁରକ୍ଷା ଦୃଷ୍ଟିକୋଣରୁ ତାଳବଣିଆଠାରୁ ଶ୍ରୀମନ୍ଦିର ଯାଏ ୯ଟି ସେକ୍ଟର ହୋଇଛି। ପୁରୀ ଏସ୍‌ପି ରୋଡ ଶୋ' ସୁରକ୍ଷାର ନେତୃତ୍ୱ ନେବେ। ପୁଲିସ ଡିଜି, ଗୁଇନ୍ଦା ନିର୍ଦ୍ଦେଶକଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ମନିଟରିଂ କରିବେ ବୋଲି ଜଣାପଡ଼ିଛି।

## ଉମାଙ୍କ ପାଇଁ ପ୍ରଚାର କଲେ ସଞ୍ଜୟ

# କୃଷ୍ଣପ୍ରସାଦରେ ବିଜେଡିର ନିର୍ବାଚନୀ ସଭା

କୃଷ୍ଣପ୍ରସାଦ, ୧୯।୫(ସମିସ): ଓଡ଼ିଶାରେ ସାଧାରଣ ନିର୍ବାଚନ ଆଉ କିଛି ଦିନ ବାକି ଥିଲାବେଳେ ବିଭିନ୍ନ ରାଜନୈତିକ ଦଳର ଅଙ୍କ କଷା ସାଙ୍ଗକୁ ପ୍ରଚାର ବି ଜୋର୍ ଜୋର୍ ଚାଲିଛି। ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ପ୍ରଥମ ଥର ତିନୋଟି ନୂଆ ମୁହଁ ଦେଖିବାକୁ ମିଳିଛି। ବିଜେଡିରୁ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ବିଜେପି ରୁ ଉପାସନା ମହାପାତ୍ର ଏବଂ କଂଗ୍ରେସରୁ ମିତ୍ରଭାନୁ ମହାପାତ୍ର ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ବ୍ରହ୍ମଗିରି






ନିର୍ବାଚନ ମଣ୍ଡଳୀରେ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ଟକ୍କର ଚାଲିଥିବାବେଳେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ପଞ୍ଚୁ ଦଳ ପଡ଼ିଆରେ ୧୮ ତାରିଖରେ ବିଜେଡି ସମର୍ଥିତ ବିଧାନ ସଭା ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟ ଏବଂ ଲୋକସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ବିଜେଡ଼ି ନେତା ତଥା ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କୁ ନେଇ ବିଶାଳ ଜନସମାବେଶ କରି ତାଙ୍କର ପତିଆରା ଦେଖାଇଛନ୍ତି। ୧୯ ତାରିଖ ଦିନ ବ୍ରହ୍ମଗିରି ବିଧାନସଭା ବିଜୁ ଜନତା ଦଳ ବିଧାୟକ ପାର୍ଥୀ ଉମାକାନ୍ତ ସାମନ୍ତରାୟଙ୍କ ପାଇଁ ବିଜୁଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ମୁଖ୍ୟାଳୟ ରାଜ୍ୟ ମୁଖପାତ୍ର ତଥା ତାରକା ପ୍ରଚାରକ ସଞ୍ଜୟ କୁମାର ଦାସବର୍ମା ନିଜ ଜନ୍ମ ମାଟିକୁ ଆସି ସହ ସହ କର୍ମୀମାନଙ୍କୁ ନେଇ ନିର୍ବାଚନୀ ସଭା କରିଛନ୍ତି। ଏବଂ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଜିଲ୍ଲା ପରିଷଦ ଲକ୍ଷ୍ମୀଧର ସାହୁ, ରାଜ୍ୟ ବିଜୁ ଯୁବ ଜନତାଦଳ ସଭାପତି ଦିଲ୍ଲୀପ କୁମାର ରଣସିଂ, ସମାଜ ସେବୀ ଦିପକ ଜେନା, ସମାଜସେବୀ ସେକ ନବି, ନାରୀ ନେତ୍ରୀ ପୁଷ୍ପାଞ୍ଜଳୀ ତରେଇ, ବ୍ଲକ ଅଧକ୍ଷା ଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ଯୁବ ବିଜୁ ଜନତା ଦଳ ସଭାପତି ଅଭୟ ମହାପାତ୍ର, ରାଜ୍ୟ ଛାତ୍ର ସଭାପତି ଶାନ୍ତନୁ ମାଝୀ, ପୂର୍ବତନ ଜିଲ୍ଲାପରିଷଦ ପ୍ରଭାତୀ ପ୍ରଧାନ, ସମାଜ ସେବୀ ପ୍ରଦିପ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଡଲ୍‌ଫିନ୍‌ଙ୍କ ସୁରକ୍ଷା ନିମନ୍ତେ ବନ ବିଭାଗର ପଇଁତରା

କୃଷ୍ଣପ୍ରସାଦ, ୧୯।୫(ସମିସ):ଏସିଆ ମହଦେଶର ବୃହତ୍ତମ ଲୁଣା ହ୍ରଦ ଚିଲିକାରେ ପର୍ଯ୍ୟଟକଙ୍କୁ ଆକର୍ଶିତ କରୁଥିବା ଇରାୱାଡି ଡ଼ଲଫିନଙ୍କ ସୁରକ୍ଷା ପାଇଁ ବାଲୁଗାଁ ବନ୍ୟପ୍ରାଣୀ ବନଖଣ୍ଡ ଅଧିନ ନୂଆପଡ଼ା ରେଞ୍ଜ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପ୍ରତି ଦିନ ସ୍କାର୍ଡ ଟିମ ଡ଼ଲଫିନ ରହୁଥିବା ଚିଲିକାର ସୀମାରେ କଡ଼ା ସୁରକ୍ଷା ଦେଉଛନ୍ତି। ପର୍ଯ୍ୟଟକଙ୍କୁ ଡ଼ଲଫିନ ଦେଖାଇବା ପାଇଁ ରହିଥିବା ଡ଼ଙ୍ଗା ଚାଳକଙ୍କୁ ବିଭିନ୍ନ ପ୍ରକାର ସଚେତନତା କରାଉଥିବା ଜଣାପଡ଼ିଛି। ଏଥି ପାଇଁ ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ରହୁଥିବା ଜନସାଧାରଣ, ମତ୍ସ୍ୟଜୀବୀ, ବୁଦ୍ଧିଜୀବୀ, ମହିଳା ସଂଘ, ସ୍ୱେଚ୍ଛାସେବୀ ସଂଗଠନକୁ ନେଇ ସଚେତନତା ଶିବିର ଆୟୋଜନ କରାଯାଇ ସଚେତନ କରାଯାଉଛି। ବନ ବିଭାଗର ସ୍କାର୍ଟ ଟିମ ଜହ୍ନିକୁଦା ଘାଟ ଅଞ୍ଚଳ, ଗୁରୁବାଇ, ଖିରିସାହି ଆଦି ଚିଲିକାରେ ସଦଳବଳେ ପଇଁତରା ମାରି ଡ଼ଲଫିନ ସୁରକ୍ଷା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଡ଼ଙ୍ଗା ଚାଳକ ମାନଙ୍କୁ ଡ଼ଲଫିନ ମାନଙ୍କ ଠାରୁ କେତେ ଦୂରରେ ରହିବା, ଡ଼ଲଫିନ ବିଚଳିତ ହେଲା ଭଳି କିଛି କାର୍ଯ୍ୟ ନକରିବା, ଚିଲିକାରେ ବର୍ଜ୍ୟବସ୍ତୁ ପଲଥିନ ଏବଂ ପ୍ଲାଷ୍ଟିକ ବୋତଲ ନପକାଇବା ପାଇଁ ନୌଚାଳକଙ୍କୁ ପ୍ରତିଦିନ ପରାମର୍ଶ ଦେଉଛନ୍ତି। ନିୟମକୁ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ ଉଲଂଘନକରୀଙ୍କୁ ଦଣ୍ଡିତ କରାଯିବା ବୋଲି ତାଗିଦ କରାଉଥିବା ନୂଆପଡ଼ା ରେଞ୍ଜର କାଶୀନାଥ ହେମ୍ବ୍ରମ ପ୍ରକାଶ କରିଛନ୍ତି। ବନପାଳ ରଶ୍ମିରଞ୍ଜନ ନାୟକ, ବନପାଳ ବିଶ୍ୱନାଥ ଟୁଡ୍ଡୁ, ବନରକ୍ଷୀ ଲକ୍ଷ୍ମଣ ବେହେରା, ସୁରକ୍ଷା କର୍ମୀ ମିଥୁନ ମାଝୀ, ଦିଲ୍ଲୀପ ତରେଇ, ପ୍ରଦୀପ ପ୍ରଧାନ ପ୍ରମୁଖ ଚିଲିକାରେ ପଇଁତରା ମାରି ଡ଼ଲଫିନମାନଙ୍କ ସୁରକ୍ଷା ଦିଗରେ କଡ଼ା ନଜର ରଖିଥିବା ଜଣାପଡ଼ିଛି।

# ଗୋ ଗବ୍ୟ ପ୍ରଶିକ୍ଷଣ ଶିବିର

ପୁରୀ, ୧୯।୫(ସମିସ): ସମାଜ ଯେଉଁ ପିଲାମାନଙ୍କୁ ଅସହାୟ ଅବହେଳିତ ବୋଲି ଭାବି ହୀନ ଦୃଷ୍ଟିରେ ଦେଖୁଥିଲା ଆଜି ସେହି ପିଲାମାନେ ସମାଜ ପରିବର୍ତ୍ତନର ମଙ୍ଗ ଧରିଛନ୍ତି। ନିଜେ ଆତ୍ମନିର୍ଭରଶୀଳ ହେବା ସହିତ ଅନ୍ୟମାନଙ୍କୁ କିପରି ଆତ୍ମନିର୍ଭରଶୀଳ କରିହେବ ତାହାର ମାଧ୍ୟମ ସାଜିଛନ୍ତି। ଲୋକମାନେ ଯେଉଁ ଗୋବର ଓ ଗୋ ମୂତ୍ରକୁ ଅଦରକାରୀ ଭାବି ଫିଙ୍ଗି ଦେଉଥିଲେ ସେହି ଗୋବର, ଗୋମୂତ୍ରରେ କିଛି କ୍ଷୀର, ଦହି, ଘିଅ ପ୍ରୟୋଗ କରି ପଞ୍ଚଗବ୍ୟ ସାମଗ୍ରୀ ପ୍ରସ୍ତୁତ କରି ଦେଖାଇଛନ୍ତି ଅନ୍ୱେଷଣର ଛାତ୍ରଛାତ୍ରୀ। ପୁରୀର ବିଭିନ୍ନ ବସ୍ତି ଏବଂ ରାସ୍ତାକଡର ପିଲାମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଅନ୍ୱେଷଣ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ମୁକ୍ତ ଶିକ୍ଷା ପ୍ରଦାନ କରାଯାଏ। ସେମାନଙ୍କ ଅନ୍ତର୍ନିହିତ ଗୁଣକୁ ଲୋକ ଲୋଚନକୁ ଆଣିବା ପାଇଁ ବିଭିନ୍ନ ପ୍ରକାର ଅତିରିକ୍ତ ଶିକ୍ଷା ମଧ୍ୟ ପ୍ରଦାନ କରାଯାଏ।

ସେମାନେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିପାଇଁ ପିଲାମାନଙ୍କୁ ପଞ୍ଚଗବ୍ୟରୁ ବିଭିନ୍ନ ସାମଗ୍ରୀ (ପଞ୍ଚଗବ୍ୟ ଦୀପ, ରାକ୍ଷୀ, ମୂର୍ତ୍ତି, ବିଭିନ୍ନ ଘର ସଜା ସାମଗ୍ରୀ) ପ୍ରସ୍ତୁତି ପ୍ରଣାଳୀ ଅନୁଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ଶିଖାଯାଏ। ଅନୁଷ୍ଠାନର ସଦସ୍ୟ ସନ୍ତୋଷ କୁମାର ରାଉତ କୁହନ୍ତି, ଏହି ପଞ୍ଚଗବ୍ୟ କେବଳ ଆମକୁ ଆତ୍ମନିର୍ଭରଶୀଳ କରି ନ ଥାଏ ବରଂ ଏହାର ବ୍ୟବହାର ଦ୍ୱାରା ଆମେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷରେ ପରିବେଶର ଓ ଗୋ ବଂଶର ସୁରକ୍ଷା କରିଥାଉ। ଏହା ମୃତ୍ତିକାର ଗୁଣ ବୃଦ୍ଧି କରିଥାଏ ଏବଂ ବର୍ଜ୍ୟବସ୍ତୁର ପରିମାଣ କମାଇଥାଏ। ତେଣୁ ପଞ୍ଚାଗବ୍ୟର ବ୍ୟବହାର ଏବଂ ପ୍ରସ୍ତୁତି କିପରି ଘରେ ଘରେ ପହଞ୍ଚିପାରିବ ସେଥିଲାଗି ଶ୍ରୀଜଗନ୍ନାଥ ଗୋ ସେବା ସଂସ୍ଥାନ ସହଯୋଗରେ ଅନ୍ୱେଷଣ ଅନୁଷ୍ଠାନର ପିଲାମାନେ ଚନ୍ଦନପୁର ପ୍ରତାପ ରାମଚନ୍ଦ୍ରପୁର ପଞ୍ଚାୟତରର ନୂଆପାଟଣା ଗ୍ରାମରେ ଏକାଧିକ ମହିଳା ଏବଂ ଝିଅମାନଙ୍କୁ ନେଇ ଗୋ ଗବ୍ୟ ପ୍ରଶିକ୍ଷଣ ଶିବିର ପରିଚାଳନା କରିଥିଲେ।

# ଆଇନ ସଚେତନତା ଶିବିର

ପୁରୀ, ୧୯।୫(ସମିସ): ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ତଥା ଜିଲ୍ଲା ଓ ଦୌରାଜଜ ଅଜନ୍ତା ଷଡଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ଶନିବାର ଆଇନ ସେବା ପ୍ରାଧିକରଣ ସମ୍ମିଳନୀ କକ୍ଷରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ସଚିବ ଅମିତ କୁମାର ବାରିକ ଏହାକୁ ଉଦ୍‌ଘାଟନ କରିବା ସହ ନିଜ ବକ୍ତବ୍ୟରେ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧ ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କ'ଣ ଏବଂ ଆଇନ ସେବା ପାଇବା ପାଇ କେଉଁମାନେ ଯୋଗ୍ୟ ସେହି ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ସୁଧୀର କୁମାର ଘୋଷ, ଉପମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ଦ୍ୱିତିକୃଷ୍ଣ ପଟ୍ଟନାୟକ, ଜ୍ୟୋତିପ୍ରକାଶ ହରିଚନ୍ଦନ ଯୋଗଦେଇ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ବର୍ଜ୍ୟବସ୍ତୁର ପ୍ରକାରଭେଦ ଏବଂ ଏହାର ସୁପରିଚାଳନା ଲାଗି ରହିଥିବା ବିଭିନ୍ନ ଆଇନ ବିଷୟରେ ଅବଗତ କରି ଏହା କିପରି ଭବିଷ୍ୟତ ପିଢୀ ଲାଗି କମାଯାଇପାରିବ ତା' ଉପରେ ଆଲୋକପାତ କରିଥିଲେ। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ଆଇନ ସେବା ପ୍ରାଧିକରଣ ତରଫରୁ ଆଇନ ସେବାର ଉପଯୋଗିତା ଓ ଉପାଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ଲାଗି ଆହ୍ୱାନ ଦିଆଯାଇଥିଲା।

# ୧୧୧ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ, ୧୯।୫(ସମିସ): ସ୍ଥାନୀୟ ବୃନ୍ଦାବତୀ ଭକ୍ତ ନିବାସଠାରେ ରବିବାର ପୁରୀ ମାରୱାଡ଼ି ଯୁବା ମଞ୍ଚ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମଞ୍ଚର ଅନେକ ଯୁବକ ଯୁବତୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏଥିରେ ମୋଟ ୧୧୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମାରୱାଡ଼ି ଯୁବା ମଞ୍ଚର ସଭାପତି ସମିତ୍ ଚନ୍ଦୁକା, ସାଧାରଣ ସମ୍ପାଦକ ଗୌରବ ପାଶୋରିଆ, ସଂଯୋଜକ ଆଶିଷ ଚନ୍ଦୁକା, ଯୁବା ସାଥୀ ଆୟୁଷ ପଟ୍ଟୱାରୀ, ସ୍ୱାଗତ ଚନ୍ଦୁକା, ନମନ ଅଗ୍ରୱାଲ ପ୍ରମୁଖଙ୍କ ନେତୃତ୍ୱରେ ଏହି ଶିବିର ବେଶ୍ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିଲା। ଶିବିରରୁ ସଂଗୃହୀତ ରକ୍ତ ପୁରୀ ରକ୍ତ ଭଣ୍ଡାରରେ ପଇଠ କରାଯାଇଥିଲା। ରକ୍ତଦାତାମାନଙ୍କୁ ଅତିଥିମାନେ ଉତ୍ସାହିତ କରିଥିଲେ।

# ଆଜି ଆସୁଛନ୍ତି କାର୍ତ୍ତିକ ପାଣ୍ଡିଆନ

ସାକ୍ଷୀଗୋପାଳ, ୧୯।୫(ସମିସ) ସାକ୍ଷୀଗୋପାଳକୁ ସୋମବାର ଅପରାହ୍ନରେ ଆସୁଛନ୍ତି ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ। ଶ୍ରୀ ପାଣ୍ଡିଆନ ରୋଡ ଶୋ'କରିବା ସହ ବିଜେଡି ପ୍ରାର୍ଥୀଙ୍କ ଲାଗି ଜନସାଧାରଣଙ୍କୁ ଭୋଟ ଭିକ୍ଷା କରିବେ ବୋଲି ଜଣାପଡ଼ିଛି। ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡାଙ୍କ ଠାରୁ ମିଳିଥିବା ସୂଚନା ଅନୁଯାଇ ବୀରଗୋବିନ୍ଦପୁର ଠାରୁ ବାଇକ୍ ଶୋଭାଯାତ୍ରାରେ ବାହାରି ସାକ୍ଷୀଗୋପାଳ ବଜାର ପରିକ୍ରମା କରି ବକୁଳବନ ସ୍ଥିତ ପଞ୍ଚସଖା ଖେଳ ପଡ଼ିଆରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବା ସହିତ ଭୋଟ ପ୍ରଚାର କରିବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷେ ବିଜେଡିର ପ୍ରଚାର ସୁପରଷ୍ଟାର କାର୍ତ୍ତିକ ପାଣ୍ଡିଆନ ସତ୍ୟବାଦୀରେ ପ୍ରଚାର କରିବା ସହିତ ରୋଡ୍ ଶୋ' କରିବା ସହିତ କର୍ମୀ ଓ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ ବୋଲି ସତ୍ୟବାଦୀ ବ୍ଲକ ବିଜେଡି ସତ୍ୟବାଦୀ ପ୍ରମୋଦ ରାଉତରାୟଙ୍କ ଠାରୁ ସୂଚନା ମିଳିଛି।

## ବେଆଇନ ମାଛଧରା

# ପୋତି ହେଉଛି ମୁହାଣ; ଅଧିକାରୀ ନିରବ

ପୁରୀ, ୧୯।୫(ସମିସ): ବର୍ତ୍ତମାନ ସମୁଦ୍ରରେ ମାଛ ମାରିବା ଉପରେ କଟକଣା ରହିଛି। ହେଲେ ଏହି କଟକଣାକୁ ମାନୁନାହାନ୍ତି ଅନେକ ମତ୍ସ୍ୟଜୀବୀ।





ବେଆଇନ ଭାବେ ମାଛ ମାରିବା ଯୋଗୁ ପୋତି ହେଉଛି ମୁହାଣ। ଗୋଟିଏ ପଟେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ମୁହାଣ ଖନନ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ଯୋଗୁ ଏହି ଟଙ୍କା ପାଣିରେ ପଡୁଛି। କିଛିବର୍ଷ ପରେ ପୁଣି ପୋତି ହେଉଛି ମୁହାଣ। ପୁରୀ ଜିଲ୍ଲା କେଳୁଣୀ ମୁହାଣରେ ଏପରି ସ୍ଥିତିକୁ ନେଇ ସେଭ୍ କୋଷ୍ଟାଲ ଲାଇଫ୍ ସଦସ୍ୟ ତଥା ପ୍ରକୃତିବନ୍ଧୁ ସରୋଜ କୁମାର ଜେନା ପୂର୍ବରୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ବିଭାଗର ନୀରବଦ୍ରଷ୍ଟା ଯୋଗୁ ବେଆଇନ ଭାବେ ପ୍ରତିଦିନ ଏଠାରେ ବଡ଼ ବଡ଼ ଜିରୋ ଓ ଫାଶୀ ଜାଲରେ ମାଛ ମରାଯାଉଛି। ଫଳରେ କେଳୁଣୀ ମୁହାଣ ପୋତି ହେବାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି।

ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ଓ ପ୍ରଜନନ ପାଇଁ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ନଭେମ୍ବର ୧ରୁ ମେ ୩୧ ତାରିଖ ପର୍ଯ୍ୟନ୍ତ ସମୁଦ୍ରରେ ମାଛ ଧରିବା ଉପରେ କଟକଣା ଲାଗୁ କରାଯାଇଛି। ସେହିପରି ମାଛଙ୍କ ଅଣ୍ଡାଦାନ ଓ ବଂଶବୃଦ୍ଧି ପାଇଁ ଏପ୍ରିଲ ୧୫ରୁ ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ସମୁଦ୍ରରେ ଡଙ୍ଗା ଓ ଟ୍ରଲର ଦ୍ୱାରା ମାଛ ମାରିବାକୁ ବାରଣ କରାଯାଇଛି। ହେଲେ ଏହାକୁ ଅନେକ ମତ୍ସ୍ୟଜୀବୀ ଉଲ୍ଲଂଘନ କରୁଛନ୍ତି। ପୁରୀ ଜିଲ୍ଲାର କେଳୁଣୀ ମୁହାଣରେ ପ୍ରତିଦିନ ଏଭଳି ଚିତ୍ର ଦେଖିବାକୁ ମିଳୁଛି। ବହୁ ସଂଖ୍ୟାରେ ମତ୍ସ୍ୟଜୀବୀ ଏଠାରେ ମାଛ ଏବଂ କଇଁଛଙ୍କ ପାଇଁ ଘାତକ କୁହାଯାଉଥିବା ଫାଶୀ ଜାଲ ବ୍ୟବହାର କରି ମାଛ ମାରୁଛନ୍ତି। ଯାହାକି ମୁହାଣ ପୋତି ହେବାର ପ୍ରମୁଖ କାରଣ କୁହାଯାଉଛି। ଦେବୀ ନଦୀର ଗୋଟିଏ ଧାର ସହିତ ପ୍ରାଚୀ, କାଦୁଆ ନଦୀ ମିଶି ଯେଉଁଠି ସମୁଦ୍ରରେ ପଡ଼ିଛନ୍ତି ତାହାକୁ କେଳୁଣୀ ମୁହାଣ କୁହାଯାଉଛି। ଆଗରୁ ଏହା ତଣ୍ଡାହାର ନିକଟରେ ମିଶିଥିଲା। କିନ୍ତୁ ଏବେ ଧୀରେ ଧୀରେ ପୋତି ହୋଇ ଡାଲୁଅକଣୀ ଆଡକୁ ଗଲାଣି। ବର୍ତ୍ତମାନ ତଣ୍ଡାହାର ଗାଁ ବନ୍ଧଠାରୁ ପ୍ରାୟ ୯୨୭ ମିଟର ଦୂରକୁ ଚାଲିଗଲାଣି ମୁହାଣ। ସେହିପରି ମୁହାଣର ଓସାର ଏବେ ମାତ୍ର ୪୦ ମିଟର ରହିଛି। ଆଉ କମ୍ ଦିନ ମଧ୍ୟରେ ପୋତି ହୋଇ ମୁହାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ବୋଲି ଆଶଙ୍କା କରୁଛନ୍ତି ସ୍ଥାନୀୟ ଲୋକେ। ମୁହାଣ ଏଭଳି ପୋତି ହେଲାଣି ଯେ ଏବେ ଲୋକେ ଉଭୟ ପାର୍ଶ୍ୱକୁ ଚାଲିକି ଯିବାଆସିବା କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମୁହାଣ ପୋତି ହେବା ଦ୍ୱାରା ଚାଷ ଉପରେ ଅଧିକ ପ୍ରଭାବ ପକାଉଛି। ଜଳ ନିଷ୍କାସନ ଠିକ୍ ଭାବେ ହେଉନାହିଁ।

ତେଣୁ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ତଣ୍ଡାହାର ଗ୍ରାମର ପ୍ରମୋଦ କୁମାର ସ୍ୱାଇଁ, ନାରାୟଣ ସାହୁ ପ୍ରମୁଖ ଦାବି କରିଛନ୍ତି।

ଅନ୍ୟପକ୍ଷରେ କେଳୁଣୀ ମୁହାଣର ଏଭଳି ସ୍ଥିତି ନେଇ ପ୍ରକୃତି ବନ୍ଧୁ ଶ୍ରୀ ଜେନା, ବିଗତ ଦିନରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ସେ ଦର୍ଶାଇଥିଲେ ଯେ, ବର୍ତ୍ତମାନ ସମୁଦ୍ରରୁ ମାଛ ଧରିବା ଉପରେ କଟକଣା ବଳବତ୍ତର ରହିଛି। କାରଣ ଏହି ସମୟରେ ମାଛଙ୍କ ସହ ଅନ୍ୟାନ୍ୟ ସାମୁଦ୍ରିକ ଜୀବଙ୍କ ପ୍ରଜନନ ଋତୁ। ହେଲେ ଏହାକୁ ଅନେକ ମାନୁ ନାହାନ୍ତି। ଶ୍ରୀ ଜେନାଙ୍କ ଏହି ଅଭିଯୋଗ ଉପରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ବେଳେ ଏବେ କେଳୁଣୀ ମୁହାଣରେ ବହୁ ମତ୍ସ୍ୟଜୀବୀ ମାଛ ଧରୁଛନ୍ତି। ମୁହାଣ ମୁହଁରେ ମାଳ ମାଳ ଜିରୋ ଓ ଫାଶୀ ଜାଲ ପଡୁଛି। ଫଳରେ ମୁହାଣ ଦେଇ ନଦୀରୁ ଯାଉଥିବା ଆବର୍ଜନା ଏବଂ ସମୁଦ୍ରରୁ ଆସୁଥିବା ଆବର୍ଜନା ଜାଲରେ ଲାଗି ସେଠାରେ ଜମୁଛି। ଏହି ଆବର୍ଜନାରେ ବାଲି ଜମା ହୋଇ ମୁହାଣକୁ ଧୀରେ ଧୀରେ ପୋତୁଛି। ଯଦି ନଦୀ ମୁହାଣ ବନ୍ଦ ହୋଇଯାଏ ତେବେ ଏହା ଉପରେ ନିର୍ଭର କରି ଚଳୁଥିବା ସୋସାଇଟି ବେରୋଜଗାର ହେବେ ଏବଂ କୃଷି କ୍ଷେତ୍ର ମଧ୍ୟ ପ୍ରଭାବିତ ହେବ। ତେଣୁ ଏ ଦିଗରେ ବିହୀତ ପଦକ୍ଷେପ ନେବା ପାଇଁ ଶ୍ରୀ ଜେନା ସାମୁଦ୍ରିକ ଏବଂ ମତ୍ସ୍ୟ ବିଭାଗ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ହେଲେ ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା ସାଜିଥିବା ବେଳେ ପୋତି ହେବାରେ ଲାଗିଛି କେଳୁଣୀ ମୁହାଣ।

## ଚିଲିକା ନିର୍ବାଚନ ମଣ୍ଡଳୀ

● ବିଧାୟକ ପ୍ରାର୍ଥୀ ରଘୁନାଥଙ୍କ ପ୍ରଚାର

# ଚା' ଖଟିରେ ଭୋଟରଙ୍କ ହେଲେ ନିକଟତର



ବାଲୁଗାଁ, ୧୯ ।୫(ସମିସ)

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୫ ତାରିଖରେ ହେବାକୁ ଥିବା ବେଳେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଦଳର ପ୍ରାର୍ଥୀମାନେ ନିଜର ଜୋରଦାର ପ୍ରଚାର ଚଳାଇଛନ୍ତି। ପୁରୀ ଲୋକସଭା ସାଂସଦୀୟ କ୍ଷେତ୍ରର ଚିଲିକା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀମାନେ ନିଜ ନିଜର ସମର୍ଥକଙ୍କ ସହ ମାରାଥନ ପ୍ରଚାର ଜାରି ରଖି ଥିବା ବେଳେ ନିର୍ବାଚନ ମଣ୍ଡଳୀରେ ରାଜନୀତି ସରଗରମ ରହିଛି। ଦୁଇ ପ୍ରମୁଖ ଦଳ ବିଜେଡି ଓ ବିଜେପି ମଧ୍ୟରେ ଛକାପଞ୍ଝା ଚାଲି ପ୍ରାର୍ଥୀମାନେ ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ଜୋରଦାର ପ୍ରଚାର ଚଳାଇ ଭୋଟରଙ୍କ ନିକଟତର ହେଉ ଥିବା ବେଳେ ଜାତୀୟ କଂଗ୍ରେସ ଦଳ ବହୁ ପଛରେ ପଡ଼ି କାଁଭାଁ ପ୍ରଚାର ଦେଖିବାକୁ ମିଳୁଛି। ଚିଲିକା ବିଜେଡି ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ରଘୁନାଥ ସାହୁ ନିର୍ବାଚନ ମଣ୍ଡଳୀର ସମସ୍ତ ଅଞ୍ଚଳରେ ବିଶାଳ ବାଇକ୍ ଶୋଭାଯାତ୍ରା, ରୋଡ୍ ଶୋ', ପଦଯାତ୍ରା ଓ କର୍ମୀ ସମ୍ମିଳନୀମାନ ଆୟୋଜନ କରି ଭୋଟ ଭିକ୍ଷା କରି ଭୋଟରଙ୍କ ନିକଟତର ହେଉଛନ୍ତି। ବିଜେଡି ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁ ଭୋଟରଙ୍କୁ ନିଜ ଆଡକୁ ଆକୃଷ୍ଟ କରିବା ଲାଗି ନିଆରା ପ୍ରୟାସ କରି ପ୍ରଚାର କରିବା ପାଇଁ ବାହାରି ସକାଳୁ ସକାଳୁ ବାଲୁଗାଁ ଏନ୍ଏସି ଅଞ୍ଚଳର ଚିଲିକା କୂଳ ଚା' ଖଟି, ଜେନା କଲୋନୀ, ସରଳାପଦର ଓ ଅଶୋକ ନଗର ଛକ ସ୍ଥିତ ବରିଷ୍ଠ ନାଗରିକଙ୍କ ଚା' ଖଟି ସମେତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳ ବୁଲି ଚା' ଖଟିରେ ସାମିଲ ହୋଇ ଜନସାଧାରଣଙ୍କ ଭଲ ମନ୍ଦ ପଚାରି ବୁଝିବା ସହ ବିଜେଡିର ଜନକଲ୍ୟାଣ ଯୋଜନା ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ଭୋଟରଙ୍କ ନିକଟତର ହୋଇ ଭୋଟଭିକ୍ଷା କରୁ ଥିବା ଦେଖିବାକୁ ମିଳିଛି। ୨୦୨୪ ସାଧାରଣ ନିର୍ବାଚନରେ ଚିଲିକାରେ ପୁରୀ ଲୋକସଭା ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ଚିଲିକା ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁଙ୍କୁ ଶଙ୍ଖ ଚିହ୍ନରେ ବହୁ ସଂଖ୍ୟାରେ ଭୋଟ ଦେଇ ବିଜେଡିକୁ ବିପୁଳ ବିଜୟ କରାଇବା ସହିତ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବା ଲାଗି ଆଶୀର୍ବାଦ ଭିକ୍ଷା କରିଥିଲେ। ଚିଲିକାକୁ ଷ୍ଟାର ପ୍ରଚାରକ ପାଣ୍ଡିଆନଙ୍କ ଗସ୍ତ ବିଜେଡି କର୍ମକର୍ତ୍ତାଙ୍କ ମନୋବଳ ବହୁ ବୃଦ୍ଧି ପାଇଥିବା ବେଳେ କର୍ମୀ ମହଲରେ ଉତ୍ସାହ ଭରି ଦେଇଛି।

## ସରପାରି ପଞ୍ଚାୟତରେ ବିଜେଡିର ପ୍ରଚାର ଜୋର୍‌ଦାର୍



**ନିରାକାରପୁର, ୧୯ ।୫(ସମିସ)**:ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସରପାରି ପଞ୍ଚାୟତରେ ନିର୍ବାଚିତ ପ୍ରତିନିଧି, ବିଜୁ ପ୍ରେମୀ ଓ ମିଶନ ଶକ୍ତି ମାଆମାନଙ୍କୁ ନେଇ ବିଜେଡିର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ କ୍ୟାପଟେନ ମନ୍ମଥ ରାଉତରାୟ ଓ ବିଧାୟକ ପ୍ରାର୍ଥୀ ତଥା ବେଗୁନିଆ ବିଧାୟକ ଓ ଯୋଜନା କମିଟି ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ନବୀନଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ହେବା ପାଇଁ ଆଶୀର୍ବାଦ କରିବା ସହ ଶଙ୍ଖଚିହ୍ନରେ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ପାଇଁ ଭୋଟ ଜୟଯୁକ୍ତ କରିବାପାଇଁ ନିବେଦନ କରିଛନ୍ତି।

## ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକଙ୍କ ପରଲୋକ

**ଟାଙ୍ଗୀ, ୧୯ ।୫(ସମିସ)**: ଟାଙ୍ଗୀ ବ୍ଲକ ଅଧିନସ୍ଥ କମାଗୁରୁ ନୋଡାଲ ସରକାରୀ ଉଚ୍ଚବିଦ୍ୟାଳୟର ସେବାନିବୃତ କ୍ରୀଡାଶିକ୍ଷକ ବସନ୍ତ କୁମାର ଦାସଙ୍କ ୬୩ ବର୍ଷ ବୟସରେ ତାଙ୍କ ରାଇବିଧାରପୁରସ୍ଥିତ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଟାଙ୍ଗୀ ବ୍ଲକର ଜଣେ ବରିଷ୍ଠ କ୍ରୀଡାବିତ ଭାବରେ ସେ ଅନେକ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ତଥା ରାଜ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରାଇବାରେ ସଫଳ ହୋଇଥିଲେ। ମୃତ୍ୟୁ ଖବର ପାଇ ପ୍ରାକ୍ତନ ଛାତ୍ର ଓ ଶିକ୍ଷକମାନେ ତାଙ୍କ ଗ୍ରାମ ରାଇବିଧାରପୁରରେ ପହଁଞ୍ôଚ ତାଙ୍କର ଶେଷଦର୍ଶନ କରିଥିଲେ ବୋଲି ପ୍ରାକ୍ତନ ଛାତ୍ର ସୁକାନ୍ତ କୁମାର ଲେଙ୍କା ଜଣାଇଛନ୍ତି। ଗ୍ରାମଶ୍ମଶାନରେ ତାଙ୍କ ଶେଷକୃତ ସମ୍ପନ୍ନ ହୋଇଛି।

## ମାରୱାଡ଼ି ଯୁବ ମଞ୍ଚ ଖୋର୍ଦ୍ଧା ଶାଖା ଗଠିତ



**ଖୋର୍ଦ୍ଧା, ୧୯।୫(ସମିସ)**: ଖୋର୍ଦ୍ଧା ଜିଲ୍ଲା ମାରୱାଡ଼ି ଯୁବ ମଞ୍ଚ ନୂତନ ଭାବେ ତାର କାର୍ଯ୍ୟକ୍ରମ ଆରମ୍ଭ କରିଛି। ନୂତନ ଭାବେ ଗଠିତ ଏହି ମଞ୍ଚର ସଭାପତି ଭାବେ ବିକାଶ ଅଗ୍ରୱାଲ, ସମ୍ପାଦକ ସୌରଭ ଅଗ୍ରୱାଲ, କୋଷାଧ୍ୟକ୍ଷ ଅମନ୍ ଅଗ୍ରୱାଲ ପ୍ରମୁଖ ମନୋନୀତ ହୋଇଛନ୍ତି। ସ୍ଥାନୀୟ ନୟନ ପ୍ଲାଜା ଠାରେ ମାରୱାଡ଼ି ସମ୍ପ୍ରଦାୟର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ନେଇ ଏକ ଜରୁରୀ ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମାରୱାଡ଼ି ମଞ୍ଚ ର ସାକେତ ଅଗ୍ରୱାଲ, ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମିତି ର ସଭ୍ୟ ବଜରଙ୍ଗ ଚିମଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଖୋର୍ଦ୍ଧା ଶାଖା ପକ୍ଷରୁ ବିଭିନ୍ନ ଜନମଙ୍ଗଳ କର୍ଯ୍ୟଯଥା ରକ୍ତଦାନ ଶିବିର, ଜଳ ସେବା, ବୃକ୍ଷ ରୋପଣ, ଦୁଃଖୀ ଦରିଦ୍ର ନାରାୟଣ ସେବା, ଶୀତବସ୍ତ୍ର ପ୍ରଦାନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମାଜ ପାଇଁ ସହଯୋଗ, ପଶୁପକ୍ଷୀଙ୍କୁ ଖାଦ୍ୟ ବଣ୍ଟନ ଭଳି ବହୁ ସାମାଜିକ କାର୍ଯ୍ୟ କରାଯିବ ବୋଲି ଖୋର୍ଦ୍ଧା ଶାଖା ସଭାପତି ବିକାଶ ଅଗ୍ରୱାଲ ଜଣାଇଛନ୍ତି।

## ଯାତ୍ରୀବାହୀ ବସ୍‌ରୁ ପଡ଼ି ଜଣେ ମୃତ୍ୟୁ

**ବେଗୁନିଆ, ୧୯ ।୫( ସମିସ)**: ଭୁବନେଶ୍ୱରରୁ କଣ୍ଟିଲୋକୁ ଯାଉଥିବା ଯାତ୍ରୀବାହୀ ବସ୍ ମଧ୍ୟାହ୍ନରେ ଫେରୁଥିବା ବେଳେ ବେଗୁନିଆ ଥାନା ଅନ୍ତର୍ଗତ କୋଦୁଅବେରେଣି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଚଳନ୍ତା ଗାଡିରୁ କଟକ ଜିଲ୍ଲା ମଧୁଆପଲ୍ଲୀ ପାଟଣା ଗ୍ରାମର ସୁଦର୍ଶନ ବେହେରା (୫୫) ଖସି ପଡ଼ିଥିଲେ। ଫଳରେ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ପୁଲିସ ଖବର ପାଇ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ।

## ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟରେ ଅବହେଳା

**କୁହୁଡ଼ି, ୧୯ ।୫ (ସମିସ)**: ପାନୀୟ ଜଳ ଯୋଗାଣ ପାଇଁ କୁହୁଡି, ରତନପୁର ଓ ସୋରଣ ପଞ୍ଚାୟତରେ ବୃହତ୍ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ମାଟି ଖୋଳାଯାଇ ତଳେ ପାଇପ ଲାଇନ୍ ବିଛାଯାଇଥିଲା ଯାହାଫଳରେ ପାଇପ ଯୋଗେ ଲୋକମାନେ ପାନୀୟ ଜଳର ଉତ୍କଟ ଅଭାବ ଦୂର ହୋଇପାରିବ। କିନ୍ତୁ ବିଡ଼ମ୍ବନାର ବିଷୟ ବିଗତ ଛଅମାସ ପରେ ହେଲାଣି କିନ୍ତୁ ବ୍ୟବସ୍ଥା ଏପର୍ଯ୍ୟନ୍ତ ସୁଧୁରି ନାହିଁ ଫଳରେ ସାଧାରଣଜନତା ପାଣି ପାଇଁ ଡହଳବିକଳ ହେଉଛନ୍ତି। ପାଇପ ଲାଇନ ଖୋଳାଯାଇ ଉପଯୁକ୍ତ ଭାବରେ ମାଟି ପୋତି ନଥିବାରୁ ଅସରାଏ ବର୍ଷା ଯୋଗୁଁ ମାଟି ଧୋଇ ହୋଇ ବଡ଼ବଡ଼ ଗର୍ତ୍ତ ହେବା ଫଳରେ ଗମନାଗମନ ଅସୁବିଧା, ରୋଗୀକୁ ନେବା ପାଇଁ ଆମ୍ବୁଲାନ୍ସର ଯାତାୟତରେ ଅସୁବିଧା, ଛୋଟପିଲାମାନେ ସ୍କୁଲକୁ ସାଇକେଲରେ ଯିବାବେଳେ ନିତିଦିନ ଦୁର୍ଘଟଣା ହେବାରେ ଲାଗିଛି। ପାନୀୟ ଜଳ ପ୍ରକଳ୍ପର ନିମ୍ନ ମାନର କାର୍ଯ୍ୟ ତଥା ମାଟିକୁ ଭଲ ଭାବରେ ନପୋତିବା ଯୋଗୁଁ ଜନ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ସମସ୍ୟାର ଯଥାଶୀଘ୍ର ସମାଧାନ କରିବା ପାଇଁ ଜଳ ଯୋଗାଣ ପ୍ରକଳ୍ପର କର୍ତ୍ତୃପକ୍ଷଙ୍କ ପାଖରେ ଲୋକମାନେ ଦାବି କରିଛନ୍ତି।



## ରାଜନାଥଙ୍କ ଗସ୍ତ ପରେ ବି ହଲ୍‌ଚଲ୍ ହେଉନି ଖୋର୍ଦ୍ଧା



**ଖୋର୍ଦ୍ଧା, ୧୯।୫(ସମିସ)**: ରବିବାର ସ୍ଥାନୀୟ ହାବେଳୀ ପଡ଼ିଆଠାରେ ବିଜେପିର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି।ଏଥିରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରଜନାଥ ସିଂ ଯୋଗଦେଇ ଦଳର ସାଂସଦ ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଓ ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କ ନିମନ୍ତେ ଭୋଟ ଦେବାକୁ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂ କଂଗ୍ରେସକୁ କଡା ସମାଲୋଚନା କରିଥିଲେ।

ସେ କହିଥିଲେ ଯେ, ଓଡ଼ିଆ ବହୁତ ଭଲ ଭାଷା। ଖୋର୍ଦ୍ଧା ବୀରତ୍ୱର ମାଟି। ପାଇକ ବିଦ୍ରୋହର ବୀରତ୍ୱ ଗାଥା ମନୋପକାଇ ଜୟୀ ରାଜଗୁରୁ, ବକ୍ସି ପ୍ରଭୃତି ପଞ୍ଚ ପାଇକଙ୍କୁ ସ୍ମରଣ କରିଥିଲେ। ଦିନ ଥିଲା ଅନ୍ତରାଷ୍ଟ୍ରୀୟସ୍ତରରେ ଭାରତର ସେଭଳି କୌଣସି ମହତ୍ୱ ନଥିଲା। ଆଜି ଭାରତ ବିଶ୍ୱର ପଞ୍ଚମ ଅର୍ଥନୈତିକ ରାଷ୍ଟ୍ରରେ ପରିଣିତ ହୋଇଥିବା ବେଳେ ଆଗାମୀ ବର୍ଷରେ ତୃତୀୟ ବୃହତ ଅର୍ଥନୈତିକ ରାଷ୍ଟ୍ର ଏବଂ ୨୦୪୭ ବର୍ଷ ବେଳକୁ ଭାରତକୁ ବିଶ୍ୱର ମହାନଶକ୍ତିରେ ପରିଣତ କରିବାକୁ ଚାହେଁ ବିଜେପି ସରକାର ବୋଲି ପ୍ରତିରକ୍ଷା ନ୍ତ୍ରୀ ଶ୍ରୀ ସିଂ କହିଥିଲେ। କଂଗ୍ରେସ ସବୁବେଳେ ବିଜେପିକୁ ବିରୋଧ କରି ଆସିଛି। କେନ୍ଦ୍ରର ସମସ୍ତ ଯୋଜନା ଉପରେ କଂଗ୍ରେସ ବିରୋଧ କରିଥିଲେ ହେଁ ବିଜେପି ଦେଇଥିବା ପ୍ରତିଶ୍ରୁତି ପାଳନ କରୁଛି ବୋଲି କହିଥିଲେ। ଜିଲ୍ଲା ସଭାପତି ରଶ୍ମି ମହାପାତ୍ର ମଞ୍ଚକୁ ପରିଚାଳନା କରିଥିଲେ। ଦିଲିପ କୁମାର ହୋତା ଶେଷରେ ଧନ୍ୟବାଦ ଦେଇଥିଲେ।

ଅନ୍ୟପକ୍ଷରେ ରାଜନାଥ ସିଂଙ୍କ ଗସ୍ତ ଖୋର୍ଦ୍ଧା ରାଜନୈତିକ ବାତାବରଣକୁ ଦୋହଲାଇ ପାରିନଥିବା ବିଭିନ୍ନ ଖଟିରେ ଆଲୋଚନା ହେଉଛି। ଏଠି ମୁଖ୍ୟମନ୍ତ୍ରୀଙ୍କ ଭିଜନ ଓ ଲୋକପ୍ରିୟତା ଆଗରେ ବିଜେପିର ଯେତେ ଶୀର୍ଷନେତୃତ୍ୱ ଆସି ମିଛ ବାହାସ୍ଫଟ ମାରିଲେ ବି ତାହ ତୁଚ୍ଛ ବୋଲି କହିଛନ୍ତି ବରିଷ୍ଠ ସାମ୍ବାଦିକ ପ୍ରକାଶ ହାତୀ। ମୁଖ୍ୟମନ୍ତ୍ରୀ ଏଠାରେ ଦୁଇ ଯୁବନେତାଙ୍କୁ ପ୍ରାର୍ଥୀ କରିଛନ୍ତି ଯେଉଁମାନେ ସଦାସର୍ବଦା ଲୋକଙ୍କ ପାଖରେ ରହି ସୁଖଦୁଃଖରେ ଠିଆ ହୋଇଛନ୍ତି। ଆଜି ନିର୍ବାଚନ ଆସିବାରୁ ବାହାରୁ ଆସି ଲୋକଙ୍କ ନିଜର ଦେଖାଇ ହେଉଥିବା ନେତା ନିର୍ବାଚନ ପରେ ଦେଖାଦେବ ତ ବୋଲି ସେ ପ୍ରଶ୍ନ କରିଛନ୍ତି।

## ସର୍ଟସର୍କିଟ୍‌ରୁ ୮ ବଖରା ଜଳିଗଲା



**ବେଗୁନିଆ, ୧୯ ।୫(ସମିସ)**:ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡା ମଠସାହିରେ ରବିବାର ଦିନ ଅପରାହ୍ନରେ ବିଦ୍ୟୁତ୍ ସର୍ଟ ସର୍କିଟ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୬ ଜଣ ବ୍ୟକ୍ତିଙ୍କ ୮ ବଖରା ସମେତ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି। ଗ୍ରାମର ଭିକାରୀ ସାହୁଙ୍କ ଘରେ ବିଦ୍ୟୁତ୍ ସର୍ଟ ସର୍କିଟ ଘଟି ସୁଦାମ ସାହୁ, ହରିଆ ସାହୁ, ଗିରିଆ ସାହୁ, ଶିବ ଜେନା ଓ ଶଙ୍କର ଜେନାଙ୍କ ଘରପୋଡ଼ି ଯାଇଥିଲା। ଖବର ପାଇ ବେଗୁନିଆ ଅଗ୍ନିଶମ ବିଭାଗ କର୍ମଚାରୀ ପହଁଞ୍ôଚ ନିଆଁକୁ ଆୟତ୍ତ କରି ଧନଜୀବନ ରକ୍ଷା କରିଥିଲେ। ଖବର ପାଇ ବିଜେଡ଼ି ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ତନୁଜା ପାଟ୍ଟଶାଣୀ ଓ ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ବିପନ୍ନମାନଙ୍କୁ ଆବଶ୍ୟକୀୟ ରିଲିଫ ଯୋଗାଇଦେବା ପାଇଁ ପ୍ରଶାସନକୁ ଅବଗତ କରିଛନ୍ତି।

## କୃଷକ ନେତାଙ୍କ ସ୍ମୃତିଚାରଣ ସଭା

**ବେଗୁନିଆ, ୧୯ ।୫(ସମିସ)**:ବେଗୁନିଆ ଥାନା ଟୀକାତାଳ ଗ୍ରାମର ବିଶିଷ୍ଟ କୃଷକ ନେତା ସ୍ୱର୍ଗତ କେଳୁ ଶ୍ରୀଚନ୍ଦନ ଓ ମହିଳା ନେତ୍ରୀ ପ୍ରମିଳା ଶ୍ରୀଚନ୍ଦନଙ୍କ ପ୍ରଥମ ବାର୍ଷିକୀ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଏଥିରେ ବାମପନ୍ôଥ ନେତା ସୁମନ୍ତ ଛୋଟରାୟଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ସିପିଆଇ ରାଜ୍ୟ ନେତା ବସନ୍ତ କୁମାର ପାଇକରାୟ, କମ୍ରେଡ ବିଜୟ କୁମାର ଗୁମାନ ସିଂହ, ଶିକ୍ଷକ ଅଇଁଷ୍ଟୁ ରଣଜିତସିଂହ, ଅମୀୟ ପଟ୍ଟନାୟକ, ବସନ୍ତ କୁମାର ସେଠୀ, ଲକ୍ଷ୍ମଣ ସେଠୀ ଓ କୈଳାସ ଚମ୍ପତି ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତଙ୍କର ଜୀବନବ୍ୟାପୀ କୃଷକ ଆନ୍ଦୋଳନରେ ନେତୃତ୍ୱ ନେବା, ସ୍ୱାମୀନାଥନ କମିଶନକୁ କାର୍ଯ୍ୟକାରୀ କରି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩ହଜାର ଟଙ୍କା କରିବା ଉପରେ ଜୋର ଦେଇ ଆନ୍ଦୋଳନ କରୁଥିଲେ। ଶେଷରେ ଗାନ୍ଧୀ ଶ୍ରୀଚନ୍ଦନ ଧନ୍ୟବାଦ ପ୍ରଦାନ କରିଥିଲେ।

## ନିଖିଳ ଉତ୍କଳ ବାରିକ ସମିତି ପକ୍ଷରୁ ସମ୍ମିଳନୀ



**ବେଗୁନିଆ, ୧୯ ।୫(ସମିସ)**: ବେଗୁନିଆ ସଦର ମହକୁମା ସ୍ଥିତ ମା'ବରମୂଳେଇ ପୀଠରେ ନିଖିଳ ଉତ୍କଳ ବାରିକ ସମିତି ପକ୍ଷରୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ସଭାପତି ପ୍ରସନ କୁମାର ବାରିକଙ୍କ ଅଧ୍ୟକ୍ଷତା ଓ ଜିଲ୍ଲା ସମ୍ପାଦକ ରଞ୍ଜନ କୁମାର ବାରିକଙ୍କ ସଂଯୋଜନାରେ ରାଜ୍ୟ ଉପସଭାପତି ହେମନ୍ତ କୁମାର ବାରିକ ମୁଖ୍ୟ ଅତିଥି, ରାଜ୍ୟ ସାଧାରଣ ସମ୍ପାଦକ କମ୍ବୁପାଣି ପରିଛା ମୁଖ୍ୟବକ୍ତା, ରାଜ୍ୟ ଉପଦେଷ୍ଟା ବଂଶୀଧର ଭୋଇ, ରାଜ କିଶୋର ବାରିକ, ଜିଲ୍ଲା ଉପସଭାପତି ପ୍ରଦୀପ କୁମାର ବାରିକ, ବ୍ଲକ ସଭାପତି ରବୀନ୍ଦ୍ର କୁମାର ବାରିକ ଓ ଅଭିମନ୍ୟୁ ସୁବୁଦ୍ଧି ପ୍ରମୁଖ ସମ୍ମାନିତ ଅତିଥି ଭବେ ଯୋଗ ଦେଇ ସମାଜରେ ସ୍ୱତନ୍ତ୍ର ଭାବେ ପରିଚୟ ସୃଷ୍ଟି କରି ସଦାସର୍ବଦା ସେବା ଯୋଗାଇ ପାରିବା ସହ ପ୍ରଶାସନ ପକ୍ଷରୁ ସର୍ବଦା ସୁବିଧା ସୁଯୋଗକୁ ଦୃଷ୍ଟି ଦେଇଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସଭାର ପ୍ରାରମ୍ଭରେ ଜଗନ୍ନାଥଙ୍କ ସ୍ତୋତ୍ର ପାଠ ଓ ଲକ୍ଷ୍ମୀ ନୃସିଂହଙ୍କୁ ମାଲ୍ୟାର୍ପଣ କରିବା ପରେ ବାରିକ ସମାଜର ଜିଲ୍ଲା ସଭାପତି ସ୍ୱର୍ଗତ କୈଳାସ ବାରିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ବରିଷ୍ଠ ନାଗରିକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

## ଅସୁସ୍ଥଙ୍କୁ ଘରେ ଯାଇ ଭତ୍ତା ବାଣ୍ଟିଲେ ବ୍ଲକ୍ ପ୍ରଶାସନ



**ଖୋର୍ଦ୍ଧା, ୧୯ ।୫(ସମିସ)**: ରାଜ୍ୟ ସରକାର ସାଧାରଣ ଗରିବ ବାର୍ଦ୍ଧକ୍ୟ ଓ ବିଧବା, ଅକ୍ଷମ ଭତ୍ତା ପାଉଥିବା ହିତାଧିକାରୀଙ୍କୁ ପ୍ରତି ମାସରେ ଭତ୍ତା ପ୍ରଦାନ କରୁଥିବା ବେଳେ କିଛି ହିତାଧିକାରୀ ନିଜ ର ଅସୁସ୍ଥତା ପାଇଁ ପଞ୍ଚାୟତକୁ ଭତ୍ତା ଆଣିବାକୁ ଯାଇ ପାରୁନାହାନ୍ତି। ତେଣୁ ଏଭଳି କ୍ଷେତ୍ରରେ ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଅଧିନ ବିଭିନ୍ନ ଗ୍ରାମ ଯଥା- ଉଇଲକିଶନ ନଗର ଓ ଟାଙ୍ଗିଆପଡ଼ା ଗ୍ରାମର ଘରେ ପଡ଼ିଥିବା ଅସୁସ୍ଥ ବରିଷ୍ଠ ନାଗରିକଙ୍କୁ ଖୋର୍ଦ୍ଧା ବ୍ଲକ ପ୍ରଶାସନ ସହଯୋଗ ରେ ହିତାଧିକାରୀଙ୍କ ଘରକୁ ଯାଇ ଭତ୍ତା ବାଣ୍ଟିଲେ ଅଧିକାରୀ। ଫଳରେ ଚମ୍ପା ବରାଳ(୯୬) ଲାବଣ୍ୟ ବରାଳ(୯୫)ସୌରୀ ଦେଇ(୭୬)ହୁଲାସ ବଡ଼େଇ(୭୦) ନିଜ ଭତ୍ତା ପାଇଁ ଖୁସି ବ୍ୟକ୍ତ କରିଥିବାବେଳେ ବ୍ଲକ ପ୍ରଶାସନକୁ ବହୁତ ବହୁତ ଧନ୍ୟବାଦ ଦେଇଛନ୍ତି।

### ସମ୍ଭାବ୍ୟ ବର୍ଷା ଓ ପବନକୁ ନେଇ ସମୀକ୍ଷା

# ଇଭିଏମ୍ ଏବଂ ଷ୍ଟ୍ରଙ୍ଗରୁମ୍ ସୁରକ୍ଷା ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱାରୋପ

ଖୋର୍ଦ୍ଧା, ୧୯।୫(ସମିସ)

### ସଜାଗ ରହିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ

ନିର୍ବାଚନ ସମୟରେ ସମ୍ଭାବ୍ୟ ବର୍ଷା ଓ ପବନ ଆଶଙ୍କା ରହିଥିବାରୁ ନିର୍ବାଚନକୁ ସୁରୁଖୁରୁ ରେ କରିବା ଲାଗି ଜିଲ୍ଲାପାଳ ଚଞ୍ଚଲ ରାଣାଙ୍କ ଅଧ୍ୟକ୍ଷତାରେ ଏପ୍ରସ୍ତୁତି ବୈଠକ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଛି। ସମସ୍ତ ବୁଥରେ ମତଦାନ ସୂଚାରୁ ଭାବେ କିଭଳି କରାଯିବ ଏବଂ ସମ୍ଭାବ୍ୟ ବର୍ଷା ଓ ପବନକୁ ଦୃଷ୍ଟିରେ ରଖି ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପୋଲିଂ ପାର୍ଟି ମତଦାନ କେନ୍ଦ୍ର ଅଭିମୁଖେ ଯିବା ଆରମ୍ଭ କରିବାଠାରୁ ସୁରକ୍ଷିତ ଭାବେ ଇଭିଏମ ଷ୍ଟ୍ରଙ୍ଗରୁମକୁ ଆଣିବା ପର୍ଯ୍ୟନ୍ତ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ। ସେହିଭଳି ଇଭିଏମ ରହୁଥିବା ଷ୍ଟ୍ରଙ୍ଗରୁମ ଗୁଡିକୁ ବର୍ଷା ଓ ପବନ ପ୍ରତିରୋଧ କରାଯାଇଛି।

ଅନ୍ୟପକ୍ଷରେ ଏଥିନିମନ୍ତେ ବ୍ୟକ୍ତିଗତସ୍ତରରେ ପ୍ରସ୍ତୁତ ରହିବାକୁ ପୁଲିଂ ପାର୍ଟି ଗୁଡିକୁ ମଧ୍ୟ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହି ପାଣିପାଗ ଆସନ୍ତା ୨୨ତାରିଖରୁ ୨୫ତାରିଖ ପର୍ଯ୍ୟନ୍ତ ରହିବା ନେଇ ପୂର୍ବାନୁମାନ କରାଯାଇଛି। ଆବଶ୍ୟକ ସ୍ଥଳେ ତ୍ୱରିତ ସେବା ପ୍ରଦାନ ପାଇଁ ଅଗ୍ନିଶମ, ବିଦ୍ୟୁତ, ଆମ୍ବୁଲାନ୍ସ, ଡାକ୍ତରୀସେବା ଏବଂ ଟେଲିଫୋନ ସେବା ପ୍ରଦାନକାରୀ ବିଭାଗ ଗୁଡ଼ିକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଆବଶ୍ୟକସ୍ଥଳେ କ୍ଷତିଗ୍ରସ୍ତ ର ଆଶଙ୍କା ଥିବା ବୁଥ ପ୍ରତି ଆଗୁଆ ସଜାଗ ରହିବାକୁ ତହସିଲଦାର, ବିଡ଼ିଓ, ଅଗ୍ନିଶମବାହିନୀ, ବିଦ୍ୟୁତ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକୀୟ ଖାଦ୍ୟସାମଗ୍ରୀ, ଟାଙ୍କର ମାଧ୍ୟମରେ ପିଇବା ପାଣି ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକମାନଙ୍କୁ ସଚେତନ କରିବା ପାଇଁ ପଦକ୍ଷେପ ନେବାକୁ ବିଡ଼ିଓ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଏମ୍‌ସି ର ଡେପୁଟି କମିଶନର (ଜରୁରୀ ବିଭାଗ)ଙ୍କୁ ପଲିଥିନ ଯୋଗାଇଦେବାକୁ ପରାମର୍ଶ ଦିଆଯାଇଛି।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ଭୁବନେଶ୍ୱର) ରୁଦ୍ରନାରାୟଣ ମହାନ୍ତି, ଉପଜିଲ୍ଲାପାଳ (ଖୋର୍ଦ୍ଧା) ଦୀପ୍ତିରଞ୍ଜନ ସେଠୀ, ଡେପୁଟି କଲେକ୍ଟର (ଜରୁରୀକାଳୀନ) ଶ୍ରୀତପା ମିଶ୍ର, ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

